# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 10 September – 2026

****************************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାରେ ପ୍ରାକୃତିକ ସମ୍ପଦ, ଶିଳ୍ପ ସାମର୍ଥ୍ୟ ଓ ନିବେଶ ଅନୁକୂଳ ପରିବେଶ ରହିଛି; କହିଲେ ମୁଖ୍ୟମନ୍ତ୍ରୀ

– ଦୁବାଇରେ ବିଭିନ୍ନ ସଂସ୍ଥାର ଶିଳ୍ପ ପ୍ରତିନିଧିଙ୍କ ସହ କଲେ ଆଲୋଚନା

- ରାଜ୍ୟରେ ୪ଟି ଆୟୁର୍ବେଦିକ ଓ ଦୁଇଟି ହୋମିଓପ୍ୟାଥିକ ମେଡିକାଲ ପ୍ରତିଷ୍ଠା କରିବେ ସରକାର

- ଭୁବନେଶ୍ୱରରୁ ବ୍ୟାଙ୍କକକୁ ଆସନ୍ତା ମାସ ୨ ତାରିଖରୁ ପୁଣିଥରେ ଆରମ୍ଭ ହେବ ବିମାନସେବା

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପର ପ୍ରଭାବରେ ଅତିପ୍ରବଳ ବର୍ଷା ନେଇ ୨୨ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

# ମୁଖ୍ୟମନ୍ତ୍ରୀ-ୟୁଏଇ

ସଂଯୁକ୍ତ ଆରବ ଏମିରେଟ୍ସ- ୟୁଏଇ'ରେ ଓଡ଼ିଶାର ନିବେଶ ଅନ୍ୱେଷଣ ଅଭିଯାନର ଦ୍ୱିତୀୟ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁବାଇରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ରାଜ୍ୟରେ ନିବେଶ ବୃଦ୍ଧି ଓ ୟୁଏଇ ସହ ଅର୍ଥନୈତିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ' ୟୁଏଇର ଅର୍ଥମନ୍ତ୍ରୀ ଓ ପର୍ଯ୍ୟଟନ ମନ୍ତ୍ରୀ ଅବଦୁଲ୍ଲା ବିନ୍ ତୌକ୍ ଅଲମାରୀଙ୍କ ସହ ଆଲୋଚନା କରିଛନ୍ତି। ବୈଠକରେ ଓଡ଼ିଶା ଓ ୟୁଏଇ ମଧ୍ୟରେ ବାଣିଜ୍ୟ, ଅର୍ଥନୀତି ଓ ନିବେଶ ସମ୍ପର୍କ ବୃଦ୍ଧି ନେଇ ବିସ୍ତୃତ ଆଲୋଚନା ହୋଇଛି। ଷ୍ଟେନଲେସ୍ ଷ୍ଟିଲ ଓ ଡାଉନ୍ ଷ୍ଟ୍ରିମ୍ ଶିଳ୍ପକୁ ରାଜ୍ୟରେ ନିବେଶ ପାଇଁ ମୁଖ୍ୟମନ୍ତ୍ରୀ ଆମନ୍ତ୍ରଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ପ୍ରାକୃତିକ ସମ୍ପଦ, ଶକ୍ତିଶାଳୀ ଶିଳ୍ପ ଭିତ୍ତିଭୂମି ଏବଂ ଡାଉନ୍ ଷ୍ଟ୍ରିମ୍ ଶିଳ୍ପ ପାଇଁ ରହିଥିବା ବ୍ୟାପକ ସୁଯୋଗ ଉପରେ ଆଲୋକପାତ କରିଥିଲେ। ଏଥିରେ ୟୁଏଇର ପି.ଜି.ଆଇ ଗ୍ରୁପ୍, ଏମ୍.ଟି.ସି., ପି.ଟି.ସି.ଏଲ୍. ଇନଫ୍ରା ସମେତ ପ୍ରମୁଖ ଶିଳ୍ପସଂସ୍ଥାର ପ୍ରତିନିଧିମାନେ ଯୋଗ ଦେଇଥିଲେ। ପ୍ରାକୃତିକ ସମ୍ପଦ, ଶିଳ୍ପ କ୍ଷମତା ଏବଂ ନିବେଶ ଅନୁକୂଳ ପରିବେଶର ଏକ ଶକ୍ତିଶାଳୀ ସମନ୍ୱୟ ଓଡ଼ିଶାରେ ରହିଛି। ସମସ୍ତ ଅଂଶୀଦାରମାନେ ରାଜ୍ୟର ସୁଯୋଗକୁ ଅନୁଧ୍ୟାନ କରି ଶିଳ୍ପ

ବିକାଶ ଓ ମୂଲ୍ୟ ସଂଯୋଜନାର ଯାତ୍ରାରେ ଅଂଶୀଦାର ହେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O –**

HS

## ଆୟୁର୍ବେଦିକ କଲେଜ

ରାଜ୍ୟରେ ୪ଟି ଆୟୁର୍ବେଦିକ ଏବଂ ୨ଟି ହୋମିଓପ୍ୟାଥିକ ମେଡିକାଲ ପ୍ରତିଷ୍ଠା ହେବ। ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି, ରାଇରଙ୍ଗପୁରରେ ଆୟୁର୍ବେଦିକ ମେଡିକାଲ ପ୍ରତିଷ୍ଠା ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବାବେଳେ ରାୟଗଡ଼ା, ଗଜପତି ଓ ମାଲକାନଗିରିରେ ଖୁବ୍‌ଶୀଘ୍ର ଆୟୁର୍ବେଦିକ ମେଡିକାଲ ପ୍ରତିଷ୍ଠା ଲାଗି ପଦକ୍ଷେପ ଗ୍ରହଣ କରାଯିବ। ଆଜି ଭୁବନେଶ୍ୱରଠାରେ କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା ପ୍ରତିଷ୍ଠାନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ହାଇଦ୍ରାବାଦସ୍ଥିତ ସିସି ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ୍ ମେଡିକାଲ ହେରିଟେଜ୍ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମହାଲିଙ୍ଗ କହିଛନ୍ତି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଳପତ୍ର ପୋଥି ଓ ପ୍ରାଚୀନ ଚିକିତ୍ସା ଜ୍ଞାନର ସଂରକ୍ଷଣ, ଅଧ୍ୟୟନ ଓ ଗବେଷଣା ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଓଡ଼ିଶାରେ ପାରମ୍ପରିକ ଚିକିତ୍ସା ପଦ୍ଧତି ବିଶେଷ କରି ଆୟୁର୍ବେଦକୁ ଆହୁରି ସୁଦୃଢ଼ କରିବା ଲାଗି ପଦକ୍ଷେପ ନିଆଯାଉଥିବା ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ଭୁବନେଶ୍ୱରଠାରେ ଏକ ଆୟୁଷ ଔଷଧ ପରୀକ୍ଷାଗାର ଏବଂ ବିଶ୍ୱ ଆୟୁର୍ବେଦ କଂଗ୍ରେସ ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ନେଇ ଆଲୋଚନା ହୋଇଥିଲା।

Desk

## ସ୍ୱଚ୍ଛତା ହିଁ ସେବା ଅଭିଯାନ

ସ୍ୱଚ୍ଛତା ହିଁ ସେବା-୨୦୨୬ ଅଭିଯାନ ଅନ୍ତର୍ଗତ ରାଜ୍ୟରେ ଆସନ୍ତା ଗୁରୁବାରରୁ ଅକ୍ଟୋବର ମାସ ୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ, ସ୍ୱଚ୍ଛତା ଓ ପରିମଳ, ସଫେଇ କର୍ମଚାରୀଙ୍କ ସୁରକ୍ଷା ଓ ସମ୍ମାନ ଏବଂ ସ୍ଥାୟୀ ସହରୀ ଜୀବନଯାତ୍ରାକୁ ଏଥିରେ ପ୍ରାଥମିକତା ଦିଆଯିବ। କେନ୍ଦ୍ର ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲଙ୍କ ଅଧ୍ୟକ୍ଷତାରେ ଆଭାସୀ ଜରିଆରେ ଆଜି ଏ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ି ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି, ‘ସ୍ୱଚ୍ଛତା ହିଁ ସେବା’ ପାଇଁ ଓଡ଼ିଶାରେ ପ୍ରସ୍ତୁତି ଶେଷ ହୋଇଛି। କେନ୍ଦ୍ରର ସମସ୍ତ ମାର୍ଗଦର୍ଶିକାକୁ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରାଯିବ। ରାଜ୍ୟରେ ୧ କୋଟି ଦ୍ୱୀପ ପ୍ରଜ୍ୱଳନ ପାଇଁ ଯୋଜନା କରାଯାଇଛି। ପ୍ରତି ଜିଲ୍ଲାର ପ୍ରତ୍ୟେକ ପରିବାରକୁ ଏଥିରେ ସାମିଲ କରାଯିବ। ଗ୍ରାମାଞ୍ଚଳରେ ପଞ୍ଚାୟତିରାଜ ବିଭାଗ’ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ପରିମଳ ଓ ସଫେଇ କାର୍ଯ୍ୟ ସହ ଜଳାଶୟଗୁଡ଼ିକର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ। ନାଗରିକ, ସରକାରୀ ସଂସ୍ଥା, ଜନ ପ୍ରତିନିଧି, ବିଭିନ୍ନ ଅନୁଷ୍ଠାନ, ସାମାଜିକ ସଂଗଠନ ଓ ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ଏଥିରେ ସକ୍ରିୟ ଭାବେ ସାମିଲ କରାଯିବ। ବ୍ୟାପକ ଜନସଚେତନତା ସୃଷ୍ଟି ଓ ଅଭିଯାନର

ସଫଳତା ପାଇଁ ଏସ୍.ବି.ଏମ୍.-୨.୦ ଆଇ.ସି. ପାଣ୍ଠିର ବ୍ୟବହାର କରି ଯୋଜନା ପ୍ରସ୍ତୁତ କରିବାକୁ ପୌରସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

HS

## ଭୁବନେଶ୍ୱର-ବ୍ୟାଙ୍କକ୍ ବିମାନ ସେବା

ଭୁବନେଶ୍ୱରରୁ ବ୍ୟାଙ୍କକ୍‌କୁ ପୁଣି ବିମାନସେବା ଆରମ୍ଭ ହେବ। ଆସନ୍ତା ମାସ ୨ ତାରିଖ ଗାନ୍ଧୀ ଜୟନ୍ତୀରୁ ଏହି ବିମାନସେବା ଆରମ୍ଭ କରିବା ଲାଗି ନିଷ୍ପତ୍ତି ହୋଇଛି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି, ସପ୍ତାହକୁ ଦୁଇଥର ବିମାନ ଉଡ଼ାଣ କରିବ। ପ୍ରତ୍ୟେକ ଶୁକ୍ରବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରୁ ଏବଂ ଶନିବାର ବ୍ୟାଙ୍କକ୍‌ର ସୁବର୍ଣ୍ଣଭୂମି ବିମାନବନ୍ଦରରୁ ଏହି ଉଡ଼ାଣ କରାଯିବ। ସୂଚନାଯୋଗ୍ୟ, ଗତ ଜୁଲାଇ ମାସ ୧୮ ତାରିଖଠାରୁ ଏହି ବିମାନସେବା ବନ୍ଦ ରହିଥିଲା।

HS

## ସ୍ୱତନ୍ତ୍ର ଚାଉଳ-ମିଲେଟ

ଭୁବନେଶ୍ୱର ବରମୁଣ୍ଡାଠାରେ ପ୍ରସ୍ତାବିତ ସ୍ୱତନ୍ତ୍ର ଚାଉଳ ଓ ମିଲେଟ ପ୍ରକ୍ରିୟାକରଣ କାରଖାନାର ବିକାଶ ଓ କାର୍ଯ୍ୟକାରିତା ନେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସମୀକ୍ଷା କରିଛନ୍ତି। ଲୋକସେବା ଭବନରେ ଆୟୋଜିତ ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଏହି ପ୍ରକଳ୍ପ ମାଧ୍ୟମରେ ଚାଉଳ ଓ ମିଲେଟର ମୂଲ୍ୟଯୁକ୍ତ ଉତ୍ପାଦନ, କୃଷକ ଓ ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକ ପାଇଁ ନୂତନ ଜୀବିକା ସୁଯୋଗ ସୃଷ୍ଟି କରିବ

ବୋଲି କହିଛନ୍ତି । ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଇଥିଲେ ।

Nayagada

## ରାଷ୍ଟ୍ରୀୟ ଲୋକ ଅଦାଲତ

ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ଶନିବାର ଦିନ ଅନୁଷ୍ଠିତ ହେବ । ନୟାଗଡ଼ ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ ନେଇ ଅଧିକାର ମିତ୍ର ଏବଂ ଆଇନସେବା ପ୍ରାଧିକରଣର କର୍ମଚାରୀମାନେ ପଦଯାତ୍ରା ମାଧ୍ୟମରେ ଲୋକମାନଙ୍କୁ ସଚେତନ କରୁଛନ୍ତି । ସୂଚନା ଅନୁଯାୟୀ, ଏହି ଲୋକ ଅଦାଲତରେ ବିଭିନ୍ନ ଦେଓ୍ୱାନୀ ଓ ଫୌଜଦାରୀ ମାମଲା ସମେତ ମୋଟରଯାନ ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ ଓ ବୈବାହିକ ଏବଂ ଚେକ୍ ବାଉନ୍ସ ଭଳି ମାମଲାର ଆପୋଷ ସହମତି ଭିତ୍ତିରେ ସମାଧାନ କରାଯିବ ।

Nayagada

## ପ୍ରକଳ୍ପ ଉଦ୍‌ଘାଟନ

କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକରେ ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ଶ୍ରୀ ପାଣିଗ୍ରାହୀ ମାର୍କେଟ କମ୍ପ୍ଲେକ୍ସ, ଅଙ୍ଗନବାଡ଼ି କେନ୍ଦ୍ର, କଲ୍ୟାଣ ମଣ୍ଡପ, ବନସୁରକ୍ଷା ସମିତି ଗୃହ, ଧାନ ସଂଗ୍ରହ କେନ୍ଦ୍ର ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଆୟୋଜିତ ସମାରୋହରେ ସ୍ଥାନୀୟ ଅଞ୍ଚଳର ବିକାଶ ଏବଂ ଲୋକମାନଙ୍କ ସମସ୍ୟା ସମାଧାନ ଦିଗରେ ଗୁରୁତ୍ୱ ଦିଆଯାଉଥିବା ସେ କହିଥିଲେ ।

Debagada

## ଦିଶା ବୈଠକ

ଦେବଗଡ଼ ଜିଲ୍ଲାର ବିକାଶ ସମନ୍ୱୟ ଏବଂ ତଦାରଖ କମିଟି- ଦିଶା ପାଇଁ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ପ୍ରସ୍ତୁତି ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ବିକାଶ କାର୍ଯ୍ୟର ଅଗ୍ରଗତିମୂଳକ ରିପୋର୍ଟ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

Debagada

## ଡିଏନ୍‌ସି ବୈଠକ

ଦେବଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପୁଷ୍ଟିସାର କମିଟି ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଅଙ୍ଗନବାଡ଼ି ସେବା ଅଧୀନରେ ପୁଷ୍ଟିକର ସୂଚକ, ପରିପୂରକ ପୁଷ୍ଟିକର ଗୁଣବତ୍ତା, ପୋଷଣ ବାଟିକା ଓ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ବୈଠକରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

Nayagada

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ନୟାଗଡ଼ ଜିଲ୍ଲା ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ଶିବିରରେ ୨୨୩ ଜଣ ଦୃଷ୍ଟି, ଶ୍ରବଣ ଓ ବାକ୍ ବାଧିତ ଏବଂ ମାନସିକ ଅନଗ୍ରସର

ଦିବ୍ୟାଙ୍ଗ ପଞ୍ଜୀକରଣ କରିଥିଲେ। ବିଭିନ୍ନ ବିଭାଗର ଚିକିତ୍ସକମାନେ ସେମାନଙ୍କ ପରୀକ୍ଷା ନିରୀକ୍ଷା କରିଥିବା ଜଣାପଡ଼ିଛି।

Puri

## ସପ୍ତପୁରୀ ଅମାବାସ୍ୟା

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ସପ୍ତପୁରୀ ଅମାବାସ୍ୟା ନୀତି ପାଳିତ ହେବ। ଏହି ନୀତି ପାଇଁ ଆଜିଠାରୁ କୁମ୍ଭାରପଡ଼ା ନିକଟରେ ଥିବା ମା' ଆଲମଚଣ୍ଡୀ ମନ୍ଦିରରୁ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ଚାରିଟି ମାଟିତାଡ଼ ଶ୍ରୀମନ୍ଦିରକୁ ବିଜେ କରାଯାଇଛି। ଏହି ତାଡ଼କୁ ଶ୍ରୀମନ୍ଦିର ରୋଷଘର ନିକଟରେ ରଖାଯାଇଛି। ପରମ୍ପରା ଅନୁସାରେ ଶ୍ରୀମନ୍ଦିରରୁ ମା' ଦକ୍ଷିଣକାଳୀ ମନ୍ଦିରକୁ ଆଜ୍ଞାମାଳ ବିଜେ ହେବ। ଆସନ୍ତାକାଲି ମା' ଦକ୍ଷିଣକାଳୀ' ମହାପ୍ରଭୁଙ୍କ ପାଇଁ ୭ ପ୍ରକାରର ପୁରପିଠା ପ୍ରସ୍ତୁତ କରିବେ। ଏହି ପିଠା ସ୍ୱତନ୍ତ୍ର ଭାବେ ମାଟି ତାଡ଼ରେ ସକାଳ ଧୂପପରେ ଲାଗି କରାଯିବାର ବିଧି ରହିଛି।

Desk

## ଆତ୍ମହତ୍ୟା ନିବାରଣ ଦିବସ

ଆତ୍ମହତ୍ୟା ପ୍ରବଣତାଠାରୁ ଲୋକଙ୍କୁ ଦୂରେଇରଖିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ପାଳନ କରାଯାଉଛି । ପ୍ରତ୍ୟେକ ଆତ୍ମହତ୍ୟା ସାମାଜିକ, ଭାବପ୍ରବଣ ଏବଂ ଅର୍ଥନୈତିକ ପରିଣାମର ପ୍ରଭାବ ଭାବେ ବିବେଚନା କରାଯାଇଛି । ଚଳିତବର୍ଷର ବିଷୟବସ୍ତୁ ରହିଛି **ଆତ୍ମହତ୍ୟା ନେଇ ଚିନ୍ତାଧାରାରେ ପରିବର୍ତ୍ତନ ।** ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସହଭାଗିତାରେ ଗତ ୨୦୦୩ ମସିହାରୁ ଏହି ଦିବସ ପାଳିତ ହୋଇଆସୁଛି ।

HS

## ପାଣିପାଗ

ଉତ୍ତର ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହାର ପ୍ରଭାବରେ   ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଏଥିସହିତ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ବୌଦ୍ଧ, ବଲାଙ୍ଗୀର, ନୂଆପଡ଼ା ଓ ମାଲକାନଗିରି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି ।